# NATIONAL NEWS BULLETIN (ODIA)

## 05th January - 2026

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଭାରତ ବିଶ୍ୱର ସର୍ବବୃହତ୍ ଚାଉଳ ଉତ୍ପାଦନକାରୀ ଦେଶ ହୋଇଛି; କହିଲେ କୃଷିମନ୍ତ୍ରୀ ।
- ଭାରତୀୟ ତଟରକ୍ଷୀ ବାହିନୀରେ ଆଜି ଆନୁଷ୍ଠାନିକ ଭାବେ ସାମିଲ୍ ହେବ ଜାହାଜ 'ସମୁଦ୍ର ପ୍ରତାପ' ।
- ଫ୍ରାନ୍ସ ଓ ଲକ୍ଜମ୍ବର୍ଗକୁ ଗତକାଲିଠାରେ ଗସ୍ତରେ ଗଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ଦ୍ୱିତୀୟ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ା ପ୍ରତିଯୋଗିତା ।

# ଚୌହାନ୍ - ରାଇସ୍ ପ୍ରଡକ୍ସନ୍

ଭାରତ ବିଶ୍ୱର ସର୍ବବୃହତ୍ ଚାଉଳ ଉତ୍ପାଦନକାରୀ ଦେଶ ପାଲଟିଛି ବୋଲି କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଚୌହାନ କହିଛନ୍ତି, ଏ କ୍ଷେତ୍ରରେ ଭାରତ ଚୀନ୍‌ଠାରୁ ଆଗୁଆ ରହିଛି । ଭାରତର ଚାଉଳ ଉତ୍ପାଦନ ୧୫୦ ଦଶମିକ ୧/୮ ନିୟୁତ ଟନ୍‌ରେ ପହଞ୍ଚିଥିବାବେଳେ ଚୀନ୍‌ର ୧୪୫ ଦଶମିକ ୨/୮ ନିୟୁତ ଟନ୍‌ରେ ରହିଛି । ବିଦେଶୀ ବଜାରକୁ ମଧ୍ୟ ଭାରତ ଚାଉଳ ଯୋଗାଣ କରୁଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

***Voice (Chouhan)*** :......

ସେ କହିଛନ୍ତି, ଅଧିକ ଅମଳକ୍ଷମ ବିହନ ବିକାଶରେ ଭାରତ ବଡ଼ ସଫଳତା ହାସଲ କରିଛି । ନୂତନ କିସମଗୁଡ଼ିକ ଚାଷୀଙ୍କ ପାଖରେ ଶୀଘ୍ର ପହଞ୍ଚାଇବାକୁ ଶ୍ରୀ ଚୌହାନ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୮୪ଟି ଉନ୍ନତ କିସମ ବିହନ ଉପରେ ଆଲୋକପାତ କରି ଶ୍ରୀ ଚୌହାନ କହିଛନ୍ତି, ଅଧିକ ଅମଳ ଏବଂ ଉନ୍ନତ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ହାସଲ କରିବା ଦିଗରେ ଏହା ସହାୟକ ହେବ । ଦେଶକୁ ସ୍ୱାବଲମ୍ବୀ କରିବା ପାଇଁ ଡାଲି ଏବଂ ତୈଳବୀଜ ଉତ୍ପାଦନ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ଶ୍ରୀ ଚୌହାନ ପରାମର୍ଶ ଦେଇଛନ୍ତି । ଅଧିକ ଅମଳକ୍ଷମ ଏବଂ ଜଳବାୟୁ ପ୍ରତିରୋଧୀ ବିହନର ବିକାଶ ଦ୍ୱାରା ଦେଶ କୃଷି ବପ୍ଳବର ଏକ ନୂତନ ଯୁଗରେ ପଦାର୍ପଣ

କରିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଏହି ଅବସରରେ ଭାରତୀୟ କୃଷି ଗବେଷଣା ପରିଷଦଦ୍ୱାରା ବିକଶିତ ଉନ୍ନତ କିସମ ବିହନଗୁଡ଼ିକର ଉନ୍ମୋଚନ କରିଛନ୍ତି ।

## ସମୁଦ୍ର ପ୍ରତାପ

ଭାରତୀୟ ତଟରକ୍ଷୀ ବାହିନୀରେ ଜାହାଜ 'ସମୁଦ୍ର ପ୍ରତାପ'କୁ ଆଜି ଲୋକାର୍ପଣ କରାଯିବ । ଗୋଆଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ଜନିତ ଏହି ପ୍ରଥମ ଜାହାଜର ଶୁଭାରମ୍ଭ କରିବେ ।  ୧୧୪ ଦଶମିକ ୫ ମିଟର ଲମ୍ବ ଏହି ଜାହାଜରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଯନ୍ତ୍ରପାତି ରହିଛି । ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ, ଏ ସଂକ୍ରାନ୍ତ ଆଇନର କାର୍ଯ୍ୟାନ୍ୱୟନ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଓ ଦେଶର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରିବାରେ ଏହି ଜାହାଜ 'ସମୁଦ୍ର ପ୍ରତାପ' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । ଗୋଆ ସିପ୍‌ୟାର୍ଡ଼ ଲିମିଟେଡ୍‌ଠାରେ ଗତ ମାସରେ ତଟରକ୍ଷୀ ବାହିନୀକୁ ଏହି ଜାହାଜକୁ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯାଇଛି । ସମୁଦ୍ର ପ୍ରତାପର ଯୋଗଦାନ ସହିତ ଦେଶର ତଟରକ୍ଷା କ୍ଷେତ୍ର ଅଧିକ ସୁଦୃଢ଼ ହେବା ସହ ସାମୁଦ୍ରିକ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ

ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ପ୍ରତି ଭାରତର ପ୍ରତିବଦ୍ଧତାକୁ ଏହା ଅଧିକ ମଜବୁତ୍ କରିବ । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଦୁଇଦିନିଆ ଗସ୍ତରେ ଗତକାଲି ଗୋଆରେ ପହଞ୍ଚିଛନ୍ତି ।

## ଇୟର ଏଣ୍ଡିଂ – ଏନର୍ଜି ସେକ୍ଟର

ଦେଶର ଶକ୍ତିକ୍ଷେତ୍ରର ବିକାଶ ଯାତ୍ରାରେ ଗତବର୍ଷ ଏକ ନିର୍ଣ୍ଣାୟକ ବର୍ଷ ଭାବେ ପରିଗଣିତ ହୋଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାର ବର୍ଷରେ ଗତ ୨୦୨୫ରେ ଶକ୍ତିକ୍ଷେତ୍ରରେ ଘଟିଥିବା ଉନ୍ନତି ସମ୍ପର୍କରେ ଆସନ୍ତୁ ଜାଣିବା :

ବିଦ୍ୟୁତ୍ ଶକ୍ତି, ପରମାଣୁ ଶକ୍ତି, ସ୍ୱଚ୍ଛ ପରିବର୍ତ୍ତନ ଏବଂ ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସଂସଦରେ ଶାନ୍ତି ବିଲ୍ ପାରିତ ହେବା ସହ ବେସାମରିକ ପରମାଣୁ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ସମାଧାନ କ୍ଷେତ୍ରରେ ପଥ ଉନ୍ମୁକ୍ତ ହୋଇଛି । ସୁରକ୍ଷା ଏବଂ ଦାୟିତ୍ୱବୋଧତାକୁ ସୁଦୃଢ଼ କରିବା ସହିତ ବ୍ୟକ୍ତିଗତ ସ୍ତରରେ ଅଂଶଗ୍ରହଣ ଦ୍ୱାର ଏହି ସଂସ୍କାରଦ୍ୱାରା ଉନ୍ମୁକ୍ତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ୨୦୪୭ ସୁଦ୍ଧା ପରମାଣୁ ଶକ୍ତି କ୍ଷମତାକୁ ୧୦ ଗୁଣରୁ ଅଧିକ ବୃଦ୍ଧି କରିବା ସହିତ ଦେଶ ଆଗକୁ ବଢୁଛି ।

ଜାତୀୟ ବିରଳ ଖଣିଜ ମିଶନ ମାଧ୍ୟମରେ ଖଣିକ୍ଷେତ୍ରଗୁଡ଼ିକରେ ରହିଥିବା ଆହ୍ୱାନଗୁଡ଼ିକର ଚିହ୍ନଟ ସହ ତାହାର ସମାଧାନ ପଥ ଉନ୍ମୁକ୍ତ ହୋଇଥିଲା । ଦେଶର ଶକ୍ତିକ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୫ ମାଧ୍ୟମରେ ବିଦ୍ୟୁତ୍ ବଣ୍ଟନ, ଯୋଗାଯୋଗର ଆଧୁନିକୀକରଣ ଏବଂ ଆର୍ଥିକ ଶୃଙ୍ଖଳାକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ଗତ ୨୦୨୫ରେ ନବୀକରଣୀୟ ଶକ୍ତିକ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଗତବର୍ଷ ମଧ୍ୟଭାଗ ସୁଦ୍ଧା ନବୀକରଣୀୟ ଶକ୍ତି କ୍ଷମତାରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ପହଞ୍ଚିଥିବାବେଳେ ସୌରଶକ୍ତି କ୍ଷେତ୍ରରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲା ।  ପି.ଏମ୍. ସୂର୍ଯ୍ୟଘର ଏବଂ ପି.ଏମ୍. କୁସୁମ ଯୋଜନା ମାଧ୍ୟମରେ ସ୍ୱଚ୍ଛ ଶକ୍ତିକ୍ଷେତ୍ର ଅଧିକ ବ୍ୟାପକ ହୋଇଛି । ଅଣଜୀବାଶ୍ମ ଇନ୍ଧନ ଉତ୍ସଗୁଡିକ ଦେଶରେ ବର୍ତ୍ତମାନ ସ୍ଥାପିତ ଶକ୍ତି କ୍ଷମତାର ୪୪ ପ୍ରତିଶତ ହୋଇଛି । ୨୦୩୦ ସୁଦ୍ଧା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଇତିମଧ୍ୟରେ ହାସଲ ହୋଇସାରିଛି । ଦେଶର ଶକ୍ତି ସୁରକ୍ଷା ଏବଂ ବିଶ୍ୱ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ଗତବର୍ଷ ଗ୍ରହଣ କରାଯାଇଥିବା ପଦକ୍ଷେପ ମାଧ୍ୟମରେ ଭାରତ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ନୀନା ସାହୁ ।**

# ଜୟଶଙ୍କର - ଲକ୍‌ଜମ୍‌ବର୍ଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍‌. ଜୟଶଙ୍କର ଗତକାଲିଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଫ୍ରାନ୍‌ସ ଏବଂ ଲକ୍‌ଜମ୍‌ବର୍ଗ ଗସ୍ତରେ ଯାଇଛନ୍ତି । ପ୍ୟାରିସ୍‌ଠାରେ ଶ୍ରୀ ଜୟଶଙ୍କର ଫ୍ରାନ୍‌ସ ପ୍ରତିପକ୍ଷ ଜିନ୍‌ ନୋଏଲ୍‌ ବାରୋଟ୍‌ ଏବଂ ଅନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଉଭୟ ପକ୍ଷ ଭାରତ-ଫ୍ରାନ୍‌ସ ରଣନୈତିକ ଭାଗିଦାରିତା ଅଧୀନରେ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଏବଂ ଏହାର ବିଶ୍ୱସ୍ତରୀୟ ଗୁରୁତ୍ୱ ପ୍ରସଙ୍ଗରେ କଥାବାର୍ତ୍ତା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ୩୧ତମ ଫ୍ରାନ୍‌ସ ରାଷ୍ଟ୍ରଦୂତ ସମ୍ମିଳନୀରେ ଡକ୍ଟର ଜୟଶଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ ।

ଏହାପରେ ସେ ଲକ୍‌ଜମ୍‌ବର୍ଗ ଯାଇ ସେଠାକାର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ୍‌ ବ୍ୟାପାର ମନ୍ତ୍ରୀ ଜାଭିୟର୍‌ ବେଟ୍ଟେଲ୍‌ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବେ । ଲକ୍‌ଜମ୍‌ବର୍ଗଠାରେ ସେ ପ୍ରବାସୀ ଭାରତୀୟଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ଆୟୁଷ - ଏଫ୍.ଟି.ଏ.

ଦେଶର ପାରମ୍ପରିକ ଔଷଧ ପ୍ରଣାଳୀ ଆୟୁଷ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଲାଭ କରିଛି । ବାଣିଜ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଓମାନ ଏବଂ ନ୍ୟୁଜିଲାଣ୍ଡ ସହିତ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମରେ ଦେଶର ଆୟୁଷ କ୍ଷେତ୍ର ସ୍ଥାନିତ ହୋଇଛି । ଗତମାସରେ ଚୂଡ଼ାନ୍ତ ହୋଇଥିବା ଏହି ଦୁଇଟିଯାକ ଚୁକ୍ତିନାମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ଏବଂ ପାରମ୍ପରିକ ଔଷଧ କ୍ଷେତ୍ର ସାମିଲ୍ ହୋଇଛି । ଦେଶର ଆୟୁଷ ଏବଂ ଔଷଧୀୟ ଉତ୍ପାଦ ସାମଗ୍ରୀର ରପ୍ତାନୀ ୬ ଦଶମିକ ୧/୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ।  ଗତ ଆର୍ଥିକ ବର୍ଷରେ ଏହି କ୍ଷେତ୍ରର ରପ୍ତାନୀ ୬୮୮ ଦଶମିକ ୮/୯ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି ।

## ପ୍ରଗତି - ସ୍ପେଶାଲ ଷ୍ଟୋରୀ

ସ୍ୱଚ୍ଛ ପ୍ରଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତି'ର ୫୦ତମ ବୈଠକ ସଫଳତାର ସହ ଶେଷ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କଦ୍ୱାରା ଏହା

ଶୁଭାରମ୍ଭ ହେବା ପରଠାରୁ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଜନସାଧାରଣଙ୍କ ଅଭିଯୋଗର ସମାଧାନ ମାଧ୍ୟମରେ ସ୍ୱଚ୍ଛ ଶାସନକୁ ପରିବର୍ତ୍ତିତ ହୋଇଛି । କେନ୍ଦ୍ର, ରାଜ୍ୟ ଓ ମନ୍ତ୍ରଣାଳୟଗୁଡ଼ିକୁ ଡିଜିଟାଲ୍ ଇଣ୍ଟରଫେସ୍‌ରେ ସମନ୍ୱୟ କରାଯିବା ସମବାୟ ସଙ୍ଘୀୟତାକୁ ପ୍ରତିପାଦନ କରୁଛି । ଗତ ଦଶନ୍ଧି ଧରି ପ୍ରଗତି ପଦକ୍ଷେପ ନିଷ୍ପତ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା ସହିତ ଆହ୍ୱାନଗୁଡ଼ିକର ସମାଧାନ ଏବଂ ଉତ୍ତରଦାୟିତ୍ୱର ଏକ ଦୃଢ଼ ସଂସ୍କୃତି ପ୍ରତିଷ୍ଠା କରିଛି । ଏହି ସିରିଜ୍‌ରେ ଆସନ୍ତୁ ଆଜି ଜାଣିବା ଉତ୍ତର ପ୍ରଦେଶର ରୋଜା-ସୀତାପୁର କ୍ୟାଣ୍ଟନ୍‌ମେଣ୍ଟ ବୁର୍‌ହଓ୍ୱାଲ୍ ରେଳ ଦୋହରୀକରଣ ପ୍ରକଳ୍ପ ସମ୍ପର୍କରେ :

୧୮୦ କିଲୋମିଟର ଦୀର୍ଘ ଉତ୍ତର ପ୍ରଦେଶର ରୋଜା-ସୀତାପୁର କ୍ୟାଣ୍ଟନ୍‌ମେଣ୍ଟ ବୁର୍‌ହଓ୍ୱାଲ୍ ରେଳ ଦୋହରୀକରଣ ପ୍ରକଳ୍ପପାଇଁ ଗତ ୨୦୧୫ ମାର୍ଚ୍ଚ ପହିଲାରୁ ୨ ହଜାର ୫୬୦ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିଲା । ଉତ୍ତର-ପୂର୍ବ ରେଳ ନେଟ୍‌ଓ୍ୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଏକକ ଲାଇନ୍ ପ୍ରତିବନ୍ଧକକୁ ଦୂର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ୨୦୧୭ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ପ୍ରଗତି ବ୍ୟବସ୍ଥା ମାଧ୍ୟମରେ ଏହି ପ୍ରକଳ୍ପର ସମୀକ୍ଷା କରାଯିବା ଅବସରରେ ରହିଥିବା ଆହ୍ୱାନଗୁଡ଼ିକର ସମାଧାନର ପଥ ଉନ୍ମୁକ୍ତ ହୋଇଥିଲା । ପ୍ରକଳ୍ପପାଇଁ ଉତ୍ତର ପ୍ରଦେଶ ବନବିଭାଗର ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରି ଏବଂ ସୀତାପୁର ଜିଲ୍ଲାରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ମୁଖ୍ୟ ଆହ୍ୱାନ ରହିଥିଲା । ରେଳ ମନ୍ତ୍ରଣାଳୟ, ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳ

ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ଜଙ୍ଗଲ ମଞ୍ଜୁରିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟ ସରକାରଙ୍କୁ ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କୁହାଯାଇଥିଲା । ପ୍ରଗତି ମାଧ୍ୟମରେ ଏଭଳି ପଦକ୍ଷେପଦ୍ୱାରା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ୨୦୨୪ ଫେବୃୟାରୀ ୧୩ ତାରିଖରେ ଦୋହରୀକରଣ କାର୍ଯ୍ୟ ଶେଷ ହୋଇଥିଲା ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ନୀନା ସାହୁ ।**

# ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

ଦ୍ୱିତୀୟ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ା ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଳୀ ଏବଂ ଡାମନ୍ ଓ ଡିୟୁ ଦ୍ୱାରା ଏହି ପ୍ରତିଯୋଗିତା ଡିୟୁର ଘୋଘଲା ବେଳାଭୂମିରେ ଆୟୋଜିତ ହୋଇଛି । ୮ଟି ବିଭିନ୍ନ କ୍ରୀଡ଼ା ବର୍ଗରେ ୨୧ ଶହରୁ ଅଧିକ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଜାତୀୟ କ୍ରୀଡ଼ା ସଂଘର ବୈଷୟିକ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି । ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ରୀଡ଼ା ସଂସ୍କୃତି ଦୃଷ୍ଟିକୋଣ ଆଧାରରେ ଖେଲୋ ଇଣ୍ଡିଆ

ବେଳାଭୂମି କ୍ରୀଡ଼ା ପ୍ରତିଯୋଗିତା ଯୁବବର୍ଗଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପ୍ରୋତ୍ସାହନ ପ୍ରଦାନ କରୁଛି ।

*****